# ଜିଲ୍ଲା ସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ।

District level Road Safety meeting.

ହେଲମେଟ ଚେକିଂ ପାଇଁ ଲାଗିବ ଅଟୋମେଟିକ୍ କ୍ୟାମେରା ।

ଅନୁଗୋଳ,ତା.୨୭.୦୫: ରାସ୍ତା ଦୁର୍ଘଟଣାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ଓ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା କମାଇବା ସହ ଆହତ ମାନଂକୁ ତୁରନ୍ତ ଚିକିତ୍ସାସେବା ଯୋଗାଇ ଦେବା ସମ୍ପର୍କରେ ଗଠିତ ଜିଲ୍ଲା ସଡକ ସୁରକ୍ଷା କମିଟିର ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଂଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା ବିଭିନ୍ନ ରାସ୍ତାରେ ଘଟିଥିବା ଦୁର୍ଘଟଣାରେ ଗତ ୨୦୧୮ ଜାନୁଆରୀ ୧ ତାରିଖରୁ ଡିସେମ୍ବର ୩୧ ତାରିଖ ମଧ୍ୟରେ ସମୁଦାୟ ୪୬୦ଟି ଦୁର୍ଘଟଣା ଘଟି ୪୪୨ ଜଣ ଆହତ ହୋଇଥିବା ବେଳେ ୨୧୫ ଜଣ ମୃତ୍ୟୁବରଣ କରିଛନ୍ତି ବୋଲି ବୈଠକରେ ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଧନଂଜୟ ସେନାପତି ସୂଚନା ପ୍ରଦାନ କରିଥିଲେ । ସେହିପରି ଚଳିତ ବର୍ଷ ଜାନୁୟାରୀ ୧ ତାରିଖରୁ ଏପ୍ରିଲ ୩୦ ତାରିଖ ମଧ୍ୟରେ ସମୁଦାୟ ୭୩ଟି ଦୁର୍ଘଟଣା ଘଟି ୭୩ ଜଣ ଆହତ ହୋଇଥିବା ବେଳେ ୩୬ ଜଣ ମୃତ୍ୟୁବରଣ କରିଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ଜାତୀୟ ରାଜପଥ ୫୫ର ହୁଲୁରୁସିଂଗା ଛକରୁ ରନ୍ତଲେଇ ପର୍ଯ୍ୟନ୍ତ ସୃଷ୍ଟି ହୋଇଥିବା ଖାଲଖମା ଗୁଡିକୁ ଜୁନ୍ ୧୦ ତାରିଖ ସୁଦ୍ଧା ମରାମତି କରିବାକୁ ଜିଲ୍ଲାପାଳ ଢେଂକାନାଳ ଜାତୀୟ ରାଜପଥ ପ୍ରାଧିକରଣର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି । କାରଗିଲ ପେଟ୍ରୋଲ ପମ୍ପ୍ ସମ୍ମୁଖ ଓ ସି ପି ପି ଛକ ଠାରେ ବର୍ଷା ଦିନେ ପାଣି ଜମି ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଦୁର୍ଘଟଣା ଘଟୁଥିବାରୁ ଉକ୍ତ ସ୍ଥାନକୁ ମରାମତି କରି ଉଚ୍ଚତା ବଢାଇବା ଉପରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ମିତ୍ରଭାନୁ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ । ଜୁନ୍ ୩ ତାରିଖରେ ଜିଲ୍ଲାପାଳ,ଆରକ୍ଷୀ ଅଧିକ୍ଷକ, ଢେଂକାନାଳ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉକ୍ତ ସ୍ଥାନକୁ ପରିଦର୍ଶନ କରି ଆଗୁଆ ପଦକ୍ଷେପ ନେବା ଉପରେ ବୈଠକରେ ସ୍ଥିର କରାଯାଇଛି । ଅନୁଗୋଳ ସହର ମଧ୍ୟ ଦେଇ ଯାଉଥିବା ରାଜପଥରେ ଦ୍ରୁତ ଗତିରେ ଯାଉଥିବା ଯାନବାହନ ଗୁଡିକୁ ନିୟମିତ ଯାଂଚ କରିବାକୁ ଜିଲ୍ଲାପାଳ ଆଂଚଳିକ ପରିବହନ ଅଧିକାରୀଂକୁ ପରାମର୍ଶ ଦେଇଛନ୍ତି । ଏଣିକି ବିଭିନ୍ନ ଛକରେ ହେଲମେଟ ଚେକିଂ ନିମନ୍ତେ ଅଟୋମେଟିକ୍ କ୍ୟାମେରା ମାଧ୍ୟମରେ ବିନା ହେଲମେଟରେ ଗାଡି ଚଳାଉଥିବା ଚାଳକ ମାନଂକର ଗାଡିର ନମ୍ବରକୁ ସ୍କାନ କରାଯିବା ସହ ଚାଲାଣ କଟାଯାଇ ଜୋରିମନା ସଂଗ୍ରହ ନିମନ୍ତେ ସମ୍ପୃକ୍ତ ଚାଳକଙ୍କ ଘର,ଅଦାଲତ ଓ ଆଂଚଳିକ ପରିବହନ ଅଧିକାରୀଂଙ୍କ ନିକଟକୁ

ପଠାଯିବ । ପ୍ରଥମ ପର୍ଯ୍ୟାୟରେ ଥାନା ଛକ,ହୁଲୁରୁସିଂଗା ଛକ ଓ ରାଜ ହୋଟେଲ ଛକରେ ଏହି ଅଟୋମେଟିକ୍ କ୍ୟାମେରା ଲଗାଯିବ ବୋଲି ଆରକ୍ଷୀ ଅଧିକ୍ଷକ ପ୍ରକାଶ କରିଛନ୍ତି । ହରିମହୁରୀ ଛକରୁ ଯାଇଥିବା ବାଇପାସ୍ ରୋଡରେ ଥିବା କେନ୍ଦ୍ରିୟ ବିଦ୍ୟାଳୟ ଓ ସରସ୍ୱତୀ ବିଦ୍ୟା ମନ୍ଦିର ଅନୁଷ୍ଠାନ ଥିବାରୁ ଉକ୍ତ ରାସ୍ତାରେ ଭାରିଯାନ ପାର୍କିଂ ହେବା ସହ ଲୋକମାନେ ଅଳିଆ ଆବର୍ଜନା ରାସ୍ତାରେ ଫିଙ୍ଗୁଥିବାରୁ ଯାତାୟାତ ନିମନ୍ତେ ସମସ୍ୟା ସୃଷ୍ଟିକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା । ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ତୁରନ୍ତ ଏହି ଅଳିଆ ଆବର୍ଜନାକୁ ହଟାଇବାକୁ ପରାମର୍ଶ ଦିଆଯିବା ସହ ଛାତ୍ର ଛାତ୍ରୀମାନଙ୍କ ଯାତାୟତର ସୁବିଧା ନିମନ୍ତେ ଭାରିଯାନଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପରାମର୍ଶ ଦିଆଯାଇଛି । ବୈଠକରେ ଉପସ୍ଥିତ ସମ୍ବଲପୁର ଓ ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣର କର୍ତ୍ତୁପକ୍ଷମାନଙ୍କୁ ରାସ୍ତାରେ ଆବଶ୍ୟକ ରମ୍ବଲର୍ସ ପ୍ରତିଷ୍ଠା କରିବା ସହ ସାଂକେତିକ ଚିହ୍ନ ଲଗାଇବାକୁ ପରାମର୍ଶ ଦିଆଯାଇଛି । ଅନୁଗୋଳରୁ ସମ୍ବଲପୁର ପର୍ଯ୍ୟନ୍ତ ୧୨୩ କି.ମି ରାସ୍ତା ମଧ୍ୟରେ ୯ଟି ବ୍ଲାକ୍ ସ୍ପଟ୍ ଓ ଅନୁଗୋଳରୁ ଢେଙ୍କାନାଳ ପର୍ଯ୍ୟନ୍ତ ୬୧ କି.ମି ରାସ୍ତା ମଧ୍ୟରେ ୧୦ଟି ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯାଇ ସାଂକେତିକ ଚିହ୍ନ ଓ ରମ୍ବଲର୍ସ ପ୍ରତିଷ୍ଠା କରାଯାଇଛି ବୋଲି ଉଭୟ କର୍ତ୍ତୁପକ୍ଷ ପ୍ରକାଶ କରିଥିଲେ । ଏହାଛଡା ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ଉଭୟ ରାସ୍ତାର ଦୁର୍ଘଟଣା ପ୍ରବଣ ଅଂଚଳ ଗୁଡିକୁ ଚିହ୍ନଟ କରି ଏହାର ପ୍ରତିକାର ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆରକ୍ଷୀ ଅଧିକ୍ଷକ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ସମ୍ବଲପୁର ଓ ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୁପକ୍ଷଙ୍କ ପ୍ରତିନିଧି,ଗାୟତ୍ରୀ କନଷ୍ଟ୍ରକସନର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।




Succession List Of
District Magistrate & Collectors
Angul(Odisha)
NAME
PERIOD